# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 December – 2025

*******************************

## ମୁଖ୍ୟ ସମ୍ବାଦ

- ଆୟୁଷ୍ମାନ ଭାରତ ଯୋଜନାରେ କେନ୍ଦ୍ର ସରକାର ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୨ ହଜାର ୪୫୦ କୋଟି ଟଙ୍କା ମଞ୍ଜୁର କରିଥିବା ଲୋକସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ
- ସରକାରୀ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ କଲେଜର ପିଜି ଛାତ୍ରଛାତ୍ରୀଙ୍କ ଭତ୍ତା ବୃଦ୍ଧି କଲେ ରାଜ୍ୟ ସରକାର
- ଦେଶର ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଶପଥ ଗ୍ରହଣ କଲେ ରାଜକୁମାର ଗୋଏଲ
- ମାଲକାନଗିରିରେ ଆଜି ମଧ୍ୟାହ୍ନରୁ ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା
- ଭୁବନେଶ୍ୱରରେ ହେବ ଗ୍ଲୋବାଲ ଭିସା  ଆବେଦନ କେନ୍ଦ୍ର

ଏବଂ

- ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟତିଥିରେ  ଦେଶ କରୁଛି ଶ୍ରଦ୍ଧାଞ୍ଜଳି ଜ୍ଞାପନ

Desk

# ନୂତନ ମେଡିକାଲ କଲେଜ ପ୍ରତିଷ୍ଠା

ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୨ ହଜାର ୪୫୦ କୋଟି ୩୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ପାଇଁ ଏହି ଯୋଜନାରେ ମୋଟ୍ ୨୪ ହଜାର ୫୦୩ କୋଟି ୪୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ନିର୍ମାଣ ପାଇଁ ଏହି ଟଙ୍କା ଖର୍ଚ୍ଚ ହେବ ବୋଲି ଲୋକସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି। ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନରେ ବିଭିନ୍ନ ସ୍ୱାସ୍ଥ୍ୟ ସୁବିଧା ମଞ୍ଜୁର କରାଯାଇଛି। ଏହା ବ୍ୟତୀତ ଓଡ଼ିଶାର ବ୍ରହ୍ମପୁର ଏମ୍.କେ.ସି.ଜି. ମେଡିକାଲ କଲେଜ, ସମ୍ବଲପୁର ବୁର୍ଲାସ୍ଥିତ ଭି.ଏସ୍.ଏସ୍. ମେଡିକାଲ କଲେଜ ଏବଂ କଟକ ସରକାରୀ ମେଡିକାଲ କଲେଜର ଉନ୍ନତିକରଣ ପାଇଁ ମଧ୍ୟ ଅନୁମୋଦନ ମିଳିଛି। ରାଜ୍ୟର ବାଲେଶ୍ୱର, ବାରିପଦା, ବଲାଙ୍ଗୀର, କୋରାପୁଟ, ପୁରୀ, ଯାଜପୁର ଏବଂ କଳାହାଣ୍ଡିରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ମିଳିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

BBSR/R

## ଷ୍ଟାଇପେଣ୍ଡ ବୃଦ୍ଧି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ କଲେଜର ସ୍ନାତକୋତ୍ତର (ପିଜି) ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ବୃତ୍ତି ଭତ୍ତା ବା ଷ୍ଟାଇପେଣ୍ଡକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ନୂତନ ଷ୍ଟାଇପେଣ୍ଡ୍ ବ୍ୟବସ୍ଥା ଆସନ୍ତା ମାସ ପହିଲାରୁ ଲାଗୁ ହେବ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇଫେଣ୍ଡ୍‌ରେ ୫୫ ପ୍ରତିଶତ ବୃଦ୍ଧି କରାଯିବା ପରେ ବର୍ତ୍ତମାନ ଏହା ୩୧ ହଜାରରୁ ୪୮ ହଜାର ଟଙ୍କା ହୋଇଛି। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ୍ ୬୨ ପ୍ରତିଶ୍ରତ ବୃଦ୍ଧି ହେବା ପରେ ୩୨ ହଜାରରୁ ୫୨ ହଜାର ଟଙ୍କା ହୋଇଛି। ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ୬୭ ପ୍ରତିଶତ ବୃଦ୍ଧି ହୋଇ ଏହା ୩୩ ହଜାରରୁ ୫୫ ହଜାର ଟଙ୍କା ହୋଇଛି। ସେହିଭଳି ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ୍ ୧୭ ହଜାରରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

Desk

## ସିଆଇସି-ଓଥ୍

ରାଜକୁମାର ଗୋୟଲ ଦେଶର ପରବର୍ତ୍ତୀ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଆଜି ଶପଥଗ୍ରହଣ କରିଛନ୍ତି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ

ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥପାଠ କରାଇଛନ୍ତି ।

**- V/O -**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ କମିଟି ୧୯୯୦ ବ୍ୟାଚ୍‌ର ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ଗୋୟଲଙ୍କ ନାମ ଏହି ପଦବୀ ପାଇଁ ସୁପାରିଶ କରଥିଲେ । ଶ୍ରୀ ଗୋୟଲ ଗତ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ର ନ୍ୟାୟବିଭାଗରୁ ଅବସର ଗ୍ରହଣ କରିଥିଲେ । ଶପଥଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଓ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

HS

## ମେଘନାଦ ପାଚେରୀ ମରାମତି

ପୁରୀ ଶ୍ରୀମନ୍ଦିର ମେଘନାଦ ପାଚେରୀ ସମସ୍ୟା ନେଇ ଆସନ୍ତାକାଲି ବୈଠକ ଅନୁଷ୍ଠିତ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ପାଚେରୀ ସଂରକ୍ଷଣ ଓ ମରାମତି ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ। ମେଘନାଦ ପାଚେରୀରେ ପଡ଼ିଥିବା ଫାଟକୁ ଅନୁଧ୍ୟାନ କରାଯାଇ ପୂର୍ବରୁ ମରାମତି କରାଯାଇଥିଲା। ପୁଣିଥରେ ନିରୀକ୍ଷଣ କରିବା ପରେ ତାହା ପୂରଣ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି ବୋଲି ସେ କହିଛନ୍ତି।

ପାଚେରୀରେ ସଂରକ୍ଷଣ କାମ କରାଯିବ। ସେଥିରେ ପଥର ବଦଳ କରାଯାଇପାରିବ ନାହିଁ। ଏ ନେଇ ଏ.ଏସ୍.ଆଇ.କୁ ଚିଠି ଲେଖା ଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

Malkangiri

## ମାଲକାନଗିରି ବିବାଦ

ମାଲକାନଗିରି ଜିଲ୍ଲାରେ ଆଜି ମଧ୍ୟାହ୍ନ ୧୨ଟାରୁ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। ଜିଲ୍ଲାର ରାଖାଲଗୁଡ଼ା ଓ ଏମ୍.ଭି.-୨୬ ଗ୍ରାମରେ ବିବାଦ ଉପୁଜିବା ପରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଗତ ସୋମବାର ସନ୍ଧ୍ୟା ୬ଟାରୁ ପର୍ଯ୍ୟାୟକ୍ରମେ ଇଣ୍ଟରନେଟ୍ କଟକଣା ବୃଦ୍ଧି କରାଯାଇଥିଲା। ଅଞ୍ଚଳରେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହେବାପରେ ଏହି କଟକଣାକୁ ହଟାଇ ଦିଆଯାଇଛି। ଇତିମଧ୍ୟରେ ପୁଲିସ ଏହି ମାମଲାରେ ୧୮ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ବିବାଦୀୟ ଅଞ୍ଚଳରେ ବ୍ୟାପକ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ଏହି ମାମଲାରେ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।

Desk

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୭୫ତମ ପୁଣ୍ୟତିଥିରେ ଆଜି ଦେଶବ୍ୟାପୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶବାସୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତାର ଭାବନାକୁ ଉଜ୍ଜୀବିତ କରିଥିଲେ। ସେ ବିକଶିତ ଭାରତ ଲାଗି ଶକ୍ତିର ସ୍ରୋତ ହେବା ସହ ରାଷ୍ଟ୍ର ନିର୍ମାଣରେ ତାଙ୍କର ଅଦ୍ୱିତୀୟ ଭୂମିକା ସଶକ୍ତ ଓ ସମର୍ଥ ଭାରତ ପାଇଁ ପଥପ୍ରଦର୍ଶକ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲଙ୍କ ଦୃଢ଼ତା ଓ ଦୂରଦର୍ଶିତା ସହ ଶତାଧିକ ଦେଶୀୟ ରାଜ୍ୟକୁ ଭାରତ ସହ ମିଶାଇ ଏକ ସୁଦୃଢ଼ ରାଷ୍ଟ୍ରର ଭିତ୍ତି ସ୍ଥାପିତ ହୋଇଥିଲା। ଏହା ଦେଶର ଇତିହାସରେ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କ ଆଦର୍ଶ ସର୍ବଦା ରାଷ୍ଟ୍ରସେବା ଓ କର୍ତ୍ତବ୍ୟନିଷ୍ଠାର ପଥରେ ଅଗ୍ରସର ହେବା ପାଇଁ ଶିକ୍ଷା ଦେଉଥିବ ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ଆଦର୍ଶ ଜୀବନ ଆଜି ମଧ୍ୟ ସମସ୍ତଙ୍କୁ ସାହସ, ସଂକଳ୍ପ ଓ ରାଷ୍ଟ୍ର ହିତକୁ ସର୍ବୋପରି ରଖିବା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ଉଲ୍ଲେଖ କରିଛନ୍ତି।

Raygada/Nabarangpur(V)

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ରାମେଶ୍ୱରମ୍ ଓ ମଦୁରାଇ ଯାତ୍ରାକୁ ରାୟଗଡ଼ା ରେଳଷ୍ଟେସନ୍‌ରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି।  ଏହି ଅବସରରେ ଶ୍ରୀମତୀ ପରିଡ଼ା କହିଛନ୍ତି...

**- V/O -**

ଯୋଜନାର ନବମ ପର୍ଯ୍ୟାୟରେ ଏଥିରେ ରାଜ୍ୟର ୬ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକଙ୍କ ସମେତ ୨୫ ଜଣ ଅଧିକାରୀ ଯାତ୍ରା କରୁଛନ୍ତି। ଏଥିରେ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା ଓ କଳାହାଣ୍ଡିର ତୀର୍ଥଯାତ୍ରୀ ସାମିଲ ଅଛନ୍ତି।

BBSR/R

## ଗ୍ଲୋବାଲ ଭିସା ଆପ୍ଲିକେଶନ ସେଣ୍ଟର

ରାଜ୍ୟ ସରକାର ଭୁବନେଶ୍ୱରରେ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର ବା ବୈଶ୍ୱିକ ଭିସା ଆବେଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପ୍ରସ୍ତାବିତ ଭିସା କେନ୍ଦ୍ର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ କୋଠାରେ କାର୍ଯ୍ୟକ୍ଷମ ହେବ। ସୂଚନା ଅନୁସାରେ ପୂର୍ବରୁ ଆନ୍ତର୍ଜାତିକ ଭିସା ପାଇବା ପାଇଁ ରାଜ୍ୟବାସୀଙ୍କୁ କୋଲକାତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଅନ୍ୟ ସହର ଯିବାକୁ ପଡୁଥିଲା।

ଭୁବନେଶ୍ୱରରେ ଭିସା କେନ୍ଦ୍ର ପ୍ରତିଷ୍ଠା ପାଇଁ ବହୁ ଦିନରୁ ଦାବି ହୋଇଆସୁଥିଲା। ଏହି ସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

Desk

## ଇଣ୍ଡୋକ୍ରିପ୍ଟ-୨୦୨୫

ଭୁବନେଶ୍ୱରସ୍ଥିତ ଅନ୍ତର୍ଜାତୀୟ ସୂଚନା ପ୍ରଯୁକ୍ତିବିଦ୍ୟା ସଂସ୍ଥାନ–ଆଇ.ଆଇ.ଆଇ.ଟି'ଠାରେ ଚାରିଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଇଣ୍ଡୋକ୍ରିପ୍ଟର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଯୋଗଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଡିଜିଟାଲ ସୁଶାସନ, ନ୍ୟାୟିକ ଢାଞ୍ଚା, ଦକ୍ଷତା ବିକାଶ କ୍ଷେତ୍ରରେ କ୍ରିପ୍ଟୋଗ୍ରାଫି ଏବଂ ସୂଚନା ସୁରକ୍ଷାର ମହତ୍ତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ସମ୍ମିଳନୀରେ ବିଶ୍ୱ ତଥା ଦେଶର ବିଭିନ୍ନ ସ୍ଥାନରୁ ବହୁ ଶିକ୍ଷାବିତ୍, ଗବେଷକ, ନୀତି ନିର୍ଦ୍ଧେଶକମାନେ ଯୋଗ ଦେଇଛନ୍ତି। ସମ୍ମିଳନୀରେ ଡିଜିଟାଲ ସେବା, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍, ଫିନଟେକ୍, ଇ-ଶାସନ, ବ୍ଲକଚେନ୍ ଓ ପୋଷ୍ଟ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପରି ବିଭିନ୍ନ ବିଷୟକୁ ନେଇ ଅଧିବେଶନଗୁଡ଼ିକର ଆୟୋଜନ କରାଯାଇଛି।

Nabarangpur

## ମନରେଗା ଯୋଜନା

ଓଡ଼ିଶାକୁ ଏକ ଦାଦନମୁକ୍ତ ରାଜ୍ୟଭାବେ ଗଠନ କରିବା ପାଇଁ ସରକାର ବଦ୍ଧ ପରିକର ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ମନରେଗା ଯୋଜନାରେ ରାଜ୍ୟ ସରକାର ଶ୍ରମିକମାନଙ୍କ ମଜୁରୀରେ ଅଧିକ ୯୮ ଟଙ୍କା ପ୍ରଦାନ କରିବା ସହ ୧୦୦ ଦିନ ପରିବର୍ତ୍ତେ ୩୦୦ ଦିନର କାମ ଶ୍ରମିକଙ୍କୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗରେ ଶ୍ରମିକଙ୍କ ପାଉଣା ବିଳମ୍ବିତ ନ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ମିଳିପାରିବ, ସେଥିପାଇଁ ସାଢ଼େ ୭ କୋଟି ଟଙ୍କାର ଏକ ରିଭଲଭିଙ୍ଗ୍ ଫଣ୍ଡ ଗଠନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସ୍ଥାନୀୟ ଉତ୍ପାଦକୁ ନେଇ ଲୋକେ ଆତ୍ମନିର୍ଭରଶୀଳ ହୋଇପାରିଲେ ବିକାଶ ସମ୍ଭବ ବୋଲି ସେ କହିଛନ୍ତି। ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଜନଭାଗିଦାରୀର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ଗୁରୁତ୍ୱ ଦେଇଛନ୍ତି।

Kendrapara

## ଶୀତଳ ଭଣ୍ଡାର

କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ଆଜି ୫୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାରକୁ ସାଂସଦ ବୈଜୟନ୍ତ ପଣ୍ଡା ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍.ଆୟରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।